# ବିପ୍ଳବୀ କବି ପଞ୍ଚାନନ ମାର୍ଣ୍ଡିଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସ୍ୱତନ୍ତ୍ର ଆଲୋଚନାଚକ୍ର



ବାରିପଦା, ୨୮।୬ (ନି.ପ୍ର)-କବି ପଞ୍ଚାନନ ମାର୍ଣ୍ଡିଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘର ଓଡ଼ିଶା ଶାଖା; ବିଶ୍ୱବିଦ୍ୟାଳୟର ସାନ୍ତାଳୀ ବିଭାଗ ଏବଂ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଆଜି ମିଳିତ ଭାବେ ଆୟୋଜିତ ସ୍ୱତନ୍ତ୍ର ଆଲୋଚନାଚକ୍ର ସାନ୍ତାଳୀ ଭାଷାର ଗବେଷିକା ପଦ୍ମଶ୍ରୀ ପ୍ରଫେସର ଦମୟନ୍ତୀ ବେଶ୍ରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ବରିଷ୍ଠ ସାନ୍ତାଳୀ ଭାଷା ଲେଖକ ଉଦୟ ମାଝୀ ମୁଖ୍ୟ ଅତିଥି ଭାବେ ବକ୍ତବ୍ୟ ଦେଇ ବୌଦ୍ଧିକ ବିକାଶ ପାଇଁ ମଣିଷ ଜୀବନର ଉନ୍ନତିର ବୀଜମନ୍ତ୍ର ବୋଲି ଉଲ୍ଲେଖ କରିବା ସହିତ ମୂଲ ଲାଗି, ଦାଦନ ଖଟି କଠୋର ଶାରୀରିକ ପରିଶ୍ରମ କରି କେହି ନିଜ ଜାତି କିମ୍ବା ଭାଷାର ଉନ୍ନତି କରିପାରି ନାହିଁ। ସେଥିପାଇଁ ବୌଦ୍ଧିକସ୍ତରରେ ଏକ ମହାଜାଗରଣ ଓ ମହାଆନ୍ଦୋଳନର ଆବଶ୍ୟକତା ରହିଛି ବୋଲି ବକ୍ତବ୍ୟ ରଖି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପ୍ରାରମ୍ଭରେ ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ଶାଖାର ସମ୍ପାଦକ ତଥା ବରିଷ୍ଠ ହିନ୍ଦୀ କବି ଡ. ଦେବେନ୍ଦ୍ର କୁମାର ଦେବେଶ ସ୍ୱାଗତ ସମ୍ଭାଷଣ ପ୍ରଦାନ ସହ କବି ପଞ୍ଚାନନ ମାର୍ଣ୍ଡିଙ୍କ ସମ୍ପୃକ୍ତ କାଳଜୟୀ ହୋଇ ରହିବ ବୋଲି ପ୍ରକାଶ କରିଥିଲେ।

ଆଲୋଚନାଚକ୍ରରେ ପୌରହିତ୍ୟ କରି ପଦ୍ମଶ୍ରୀ ଡ. ବେଶ୍ରା ବିପ୍ଳବୀ କବି ପଞ୍ଚାନନ ମାର୍ଣ୍ଡିଙ୍କ ରଚନାର ତର୍ଜମା ପୂର୍ବକ ବିଶ୍ଳେଷଣ କରି ପ୍ରତ୍ୟେକ ମଣିଷ ଜୀବନରେ ଆଗକୁ ବଢ଼ିବାର ସ୍ୱପ୍ନ ଦେଖିବା ଉଚିତ୍। ଆଗକୁ ବଢ଼ିବାର ସ୍ୱପ୍ନ ହିଁ ମଣିଷକୁ ବୌଦ୍ଧିକ ଭରଣ ପ୍ରଦାନ କରେ ଓ ଜୀବନର ମହତର ଲକ୍ଷ୍ୟ ସାଧନରେ ସହାୟକ ହୋଇଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ, କେନ୍ଦ୍ର ସାହିତ୍ୟ ଏକାଡେମୀର ସାନ୍ତାଳୀ ଉପଦେଷ୍ଟା ମଣ୍ଡଳୀର ଆବାହକ ଚୈତନ ପ୍ରସାଦ ମାଝୀ, ପୂର୍ବତନ ଆବାହକ କବି ମଦନ ମୋହନ ସୋରେନ ଏବଂ ଦିବଂଗତ ପଞ୍ଚାନନ ମାର୍ଣ୍ଡିଙ୍କ ସୁପୁତ୍ର ନିତ୍ୟାନନ୍ଦ ମାର୍ଣ୍ଡି ପ୍ରମୁଖ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଏହି ଆଲୋଚନାଚକ୍ରର ପ୍ରଥମ ବୈଷୟିକ ଅଧିବେଶନରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୂର୍ବତନ ଆବାହକ ଡ. ଗଙ୍ଗାଧର ହାଁସଦାଙ୍କ ଅଧ୍ୟକ୍ଷତାରେ ଲେଖକ ଅର୍ଜୁନ ମାର୍ଣ୍ଡି, କବି ଲକ୍ଷଣ ମାଝୀ, ନାଟ୍ୟକାର ସରୋଜ କୁମାର ସୋରେନ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଦ୍ୱିତୀୟ ବୈଷୟିକ ଅଧିବେଶନରେ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସାନ୍ତାଳୀ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଜତୀନ୍ଦ୍ର ନାଥ ବେଶ୍ରାଙ୍କ ଅଧ୍ୟକ୍ଷତାରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ସାନ୍ତାଳୀ ବିଭାଗର ଅତିଥି ଅଧ୍ୟାପକ ଲକ୍ଷ୍ମଣ ବାସ୍କେ, ବରିଷ୍ଠ ସାନ୍ତାଳୀ ଗବେଷକ ରାମରାୟ ମାଝୀ ଓ ଲେଖିକା ସୁମିତ୍ରା ମୁର୍ମୁ ପ୍ରମୁଖ ମଧ୍ୟ ପ୍ରବନ୍ଧ ଉପସ୍ଥାପନ କରିଥିଲେ। 'କଥା ସନ୍ଧି' କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବରିଷ୍ଠ ସାନ୍ତାଳୀ କଥାକାର କାଳି ଚରଣ ହେମ୍ବ୍ରମ ନିଜର ସାହିତ୍ୟ ଯାତ୍ରାର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଆଲୋଚନାଚକ୍ର ଅବସରରେ କେନ୍ଦ୍ର ସାହିତ୍ୟ ଏକାଡେମୀ, ହାଁସ୍ ହାଁସଲୀ ପ୍ରକାଶନୀ ଏବଂ ଧିରିଜ୍ ପ୍ରକାଶନୀ ପକ୍ଷରୁ ପୁସ୍ତକ ପ୍ରଦର୍ଶନୀ ଓ ବିକ୍ରୟର ଆୟୋଜନ କରାଯାଇଥିଲା। ଶେଷରେ ସର୍ବଭାରତୀୟ ଲେଖକ ସଂଘ, ବାରିପଦା ଶାଖାର ସଦସ୍ୟ କବି ହାକିମ ବାସ୍କେ ଧନ୍ୟବାଦ ପ୍ରଦାନ କରିଥିଲେ।